ଭୋଟ ଗଣନା କେନ୍ଦ୍ର ପ୍ରବେଶ କଡାକଡି

ବାଲେଶ୍ୱର,(ପିଏନ) : ଚଳିତ ସାଧାରଣ ନିର୍ବାଚନର ଭୋଟ ଗଣତି ଜିଲ୍ଲାର ନୀଳଗିରି ବିଧାନସଭା ଓ ଲୋକସଭା ଖଣ୍ଡ ବ୍ୟତୀତ ଅନ୍ୟ ସାତ ଗୋଟି ବିଧାନସଭା ଓ ୦୬-ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଜିଲ୍ଲା କଲେକ୍ଟରୀ ପରିସରରେ ନବନିର୍ମିତ ଷ୍ଟ୍ରଙ୍ଗରୁମ୍ ଭିତରେ ଅନୁଷ୍ଠିତ ହେବ। ଏଥିପାଇଁ ବହୁସଂଖ୍ୟକ ଭୋଟ ଗଣନା ନିମନ୍ତେ ନିଯୁକ୍ତ କର୍ମଚାରୀ, କାଉଣ୍ଟିଂ ଏଜେଂଟ ଭୋଟ ଗଣନା କେନ୍ଦ୍ରକୁ ପ୍ରବେଶ କରିବେ । ତେଣୁ ପୋଲିସ ପ୍ରଶାସନ ତରଫରୁ ତିନିଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଯେଉଁମାନେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଭୋଟଗଣନା କେନ୍ଦ୍ରକୁ ପ୍ରବେଶ ନିମନ୍ତେ ଉଦ୍ଦିଷ୍ଟ ପ୍ରବେଶ ପତ୍ର ପାଇଥିବେ ସେମାନେ ତା ସହିତ ନିଜର ଫଟୋ ପରିଚୟ ପତ୍ର ସାଙ୍ଗରେ ଆଣିବାକୁ ହେବ। ଭୋଟ୍ ଗଣତି ପାଇଁ ନିର୍ଦ୍ଧାରିତ ସମୟର ୨ ଘଂଟା ପୂର୍ବରୁ ଧାତବ ବସ୍ତୁ ଠାବକାରୀ ଯନ୍ତ୍ର ଯୋଗେ ପ୍ରବେଶଦ୍ୱାର ଠାରେ ଯାଂଚ କରାଯିବ। ସେଠାରେ ଏହି ପ୍ରବେଶ ଅନୁମତି ପତ୍ର ଓ ଫଟୋ ପରିଚୟ ପତ୍ର ପ୍ରଦର୍ଶନ କରିବାକୁ ହେବ। ଏତତ୍ ବ୍ୟତୀତ ସମସ୍ତ ଭୋଟ ଗଣନା ଅଧିକାରୀ ଓ ଏଜେଂଟମାନେ ସାଙ୍ଗରେ ପାଣି ବୋତଲ, ମୋବାଇଲ ଫୋନ, ଦିଆସିଲି, ଲାଇଟର, କ୍ୟାମେରା ତଥା ଅନ୍ୟାନ୍ୟ ଦହନଶୀଳ ଜିନିଷ ନ ଆଣିବାକୁ ପରାମର୍ଶ ଦିଆଯାଇଛି । ସେହିପରି ବ୍ୟାପକ ଜନ ସମାଗମ ଏବଂ ଅଧିକସଂଖ୍ୟକ ଯାନବାହାନ ଚଳାଚଳର ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାର୍ଶ୍ୱବର୍ତୀ ରୁଟ୍‌ରେ ମେ ୨୩ ତାରିଖ ଦିନ ସକାଳ ୭ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ଟ୍ରାଫିକ କଟକଣା ଜାରି କରାଯାଇଛି। ଫକୀରମୋହନ ଗୋଲେଇ ଠାରୁ ଟେକ୍ନିକାଲ ସ୍କୁଲ ଭାୟା ଫାଣ୍ଡି ଛକ ଏବଂ କଚେରୀ ଗଳି ମଧ୍ୟରେ ସମସ୍ତ ପ୍ରକାର ଯାନବାହାନ ଚଳାଚଳ ଉପରେ କଟକଣା ଜାରି କରାଯିବା ସହିତ ଫକୀରମୋହନ ଗୋଲେଇ ଠାରୁ ସମସ୍ତ ପ୍ରକାର ଗାଡିର ଗତିପଥକୁ ପରିବର୍ତନ କରାଯାଇ ସେଗୁଡିକୁ ଷ୍ଟେସନ ଛକ, ଏଡିଏମ ଛକ ଏବଂ ଟେକ୍ନିକାଲ ସ୍କୁଲ କ୍ରସିଂ ମଧ୍ୟ ଦେଇ ଯାତାୟତ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ସେହିପରି ଝାଡେଶ୍ୱର ମନ୍ଦିର ଠାରୁ କଚେରୀ ଗଳି ମଧ୍ୟରେ ସମସ୍ତ ପ୍ରକାର ଯାନବାହାନ ଚଳାଚଳ ଉପରେ ରୋକ୍ ଲଗାଯାଇଛି । ଏଥି ପରିବର୍ତେ ରାଣୀପାଟଣା-ନିଳିଆବାଗ-ଚିଡିଆପୋଲ ଏବଂ ଟେକ୍ନିକାଲ ସ୍କୁଲ କ୍ରସିଂ ମଧ୍ୟରେ ଯାତାୟତ ନିମନ୍ତେ ବିକଳ୍ପ ବ୍ୟବସ୍ଥା କରାଯାଇଛି। ଏଥିରେ ସହଯୋଗ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି ।

ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବର୍ଷରେ ୮ମ ସଭା

ବାଲେଶ୍ୱର,(ପିଏନ) : ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବର୍ଷ ପାଳନ ଅବସରରେ ସୋମବାର ସନ୍ଧ୍ୟାରେ ତେଲେଙ୍ଗାସାହିସ୍ଥିତ ସମାଜସେବୀ ବସନ୍ତଲତା ପଟ୍ଟନାୟକଙ୍କ ବାସଭବନ ପରିସରରେ ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଗତ ୨୦୧୮ ପବିତ୍ର ଗାନ୍ଧିଜୟନ୍ତୀଠାରୁ ଶ୍ରୀମତୀ ପଟ୍ଟନାୟକଙ୍କ ନିଜସ୍ୱ ପ୍ରଚେଷ୍ଟାରେ ଏହା ଅଷ୍ଟମଥର ପାଇଁ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ତଥା ବିବେକାନନ୍ଦ କେନ୍ଦ୍ରର ଅନ୍ୟତମ କର୍ମକର୍ତ୍ତା ପ୍ରେମାନନ୍ଦ ପିରି, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ତଥା ସମାଜସେବୀ ହେମଲତା ଦାସ ଓ ବାମପନ୍ଥୀ ଶ୍ରମିକନେତା ଗୌରାଙ୍ଗପାଣିଗ୍ରାହୀ ଅତିଥି ଓ ବକ୍ତାଭାବେ ଯୋଗ ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ବିଚାର ଏବଂ ଆଦର୍ଶକୁ ଆଜିର ଯୁବପିଢ଼ୀ ଗ୍ରହଣ କଲେ ସମାଜରେ ହିଂସା ଓ ଅପରାଧ ପ୍ରବଣତା ଲୋପ ପାଇବ ବୋଲି ସେମାନଙ୍କ ବକ୍ତବ୍ୟରେ ଆଶା ପ୍ରକାଶ କରିଥିଲେ। 'ଫନୀ'ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଓ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ସେମାନଙ୍କ ପାଇଁ ନିରବପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ଶ୍ରୀମତୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସଭାରେ ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ।

ପ୍ରକାଶ ପାଇଲା ମେଟ୍ରିକ୍ ପରୀକ୍ଷାଫଳ

ବାଲେଶ୍ୱରରେ ପାସ୍‌ହାର ୮୫.୨%

ବାଲେଶ୍ୱର,(ପିଏନ) : ଦୀର୍ଘ ଦିନର କଳ୍ପନା ଜଳ୍ପନା ପରେ ଶେଷରେ ମଙ୍ଗଳବାର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲାରେ ଚଳିତ ବର୍ଷ ପରୀକ୍ଷା ପାସ୍ ହାର ଶତକଡା ୮୫.୨ ପ୍ରତିଶତ ହୋଇଥିଲା ବେଳେ ୧୩,୬୦୩ ବାଳକ ପାସ୍ କରିଥିବା ବେଳେ ୧୩,୯୭୨ ବାଳିକା ଉତ୍ତୀର୍ଣ୍ଣ ହୋଇଛନ୍ତି । ମୋଟ୍ ୨୭,୫୭୫ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଜିଲ୍ଲାରେ ୧୬୮ ସେଣ୍ଟରରେ ୫୧୫ଟି ସ୍କୁଲର ୩୨,୮୭୫ ଜଣ ପିଲା ପରୀକ୍ଷା ଦେବା ପାଇଁ ସ୍ଥିର ହୋଇଥିବା ବେଳେ ୪୭୧ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ୩୨,୩୮୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ମାଲପ୍ରାକ୍ଟିସ ପାଇଁ ୨୩ ଜଣଙ୍କର ପରୀକ୍ଷାଫଳ ବାହାରି ନାହିଁ । ୩୨,୩୬୩ ଜଣଙ୍କର ପରୀକ୍ଷାଫଳ ବାହାରିଥିବା ବେଳେ ଏ୧ରେ ୯୨ ଜଣ, ଏ୨ ରେ ୧୨୫୩, ବି୧ରେ ୩୪୨୯, ବି୨ରେ ୪୫୭୦, ସି ଗ୍ରେଡରେ ୬,୧୧. ଡି ଗ୍ରେଡରେ ୬,୬୫୩, ଇ ଗ୍ରେଡରେ ୫,୦୬୭ ଜଣ ଏବଂ ଏଫରେ ୪,୭୮୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମେଟ୍ରିକ ପରୀକ୍ଷାଫଳ ନିର୍ଦ୍ଧାରିତ ସମୟରେ ପ୍ରକାଶ ପାଇବ ବୋଲି କୁହାଯାଇଥିଲା। ହେଲେ ଫଣୀ ବାତ୍ୟା ପାଇଁ କିଛି ଦିନ ବିଳମ୍ବ ହୋଇଥିବା ଯୋଗୁଁ ମାଧ୍ୟମିକ ଶିକ୍ଷା ପରିଷଦ ଏହା ଉପରେ ଗୁରୁତ୍ୱ ଦେଇ ମଙ୍ଗଳବାର ପରୀକ୍ଷାଫଳ ପ୍ରକାଶ କରିଛନ୍ତି।

୪ ନୂଆ ସ୍କ୍ରାମ୍ବଲର୍ ମଡେଲ୍-ସ୍କ୍ରାମ୍ବଲର୍ ଆଇକନ୍, ଫୁଲ୍ ଥ୍ରଟଲ୍, କାଫେ ରେସର୍ ଓ ଡେଜର୍ଟ ସ୍ଲେଡ୍‌ର ବଜାର ପ୍ରବେଶ କରାଇଲା ଡୁକାଟି ଇଣ୍ଡିଆ

ଭୁବନେଶ୍ୱର: ସୌଖୀନ ମୋଟର ସାଇକେଲ୍ ବ୍ରାଣ୍ଡ, ଡୁକାଟି ଆଜି ଭାରତରେ ନିଜର ଅଲ୍ ନିୟୁ ଡୁକାଟି ସ୍କ୍ରାମ୍ବଲର୍ ରେଞ୍ଜର ବଜାର ପ୍ରବେଶ ବିଷୟ ଘୋଷଣା କରିଛି। ଭାରତ ପାଇଁ ବଜାର ପ୍ରବେଶ ହୋଇଥିବା ଏହି ଏମ୍‌ୱାଇ୧୯ ରେଞ୍ଜରେ ଆଇକନ୍, ଫୁଲ୍ ଥ୍ରଟଲ୍, କାଫେ ରେସର୍ ଏବଂ ଡେଜର୍ଟ ସ୍ଲେଡ୍ ରହିଛି। ଭାରତରେ ଏଗୁଡ଼ିକର ମୂଲ୍ୟ (ଏକ୍ସ-ସୋ'ରୁମ୍) ଯଥାକ୍ରମେ ୭.୮୯ ଲକ୍ଷ ଟଙ୍କା, ୮.୯୨ ଲକ୍ଷ ଟଙ୍କା, ୯.୭୮ ଲକ୍ଷ ଟଙ୍କା ଏବଂ ୯.୯୩ ଲକ୍ଷ ଟଙ୍କା ରହିଛି। ଏହି ନବୀକରଣ ସିରିଜ୍ ଅଧିକ ସମକାଳୀନ, ଅଧିକ ଆରାମ ଦାୟକ ଏବଂ ନିରାପଦ, ଯାହାକି କେୟାରଫ୍ରି 'ଲ୍ୟାଣ୍ଡ ଅଫ୍ ଜୟ' ମଉଜକୁ ମଧ ସୁନିଶ୍ଚିତ କରିଥାଏ। ଏହି ସଦ୍ୟତମ 'ଜୟଭଲ୍ୟୁସନ୍' ୨ ଚକ, ଏକ ଚଉଡ଼ା ହ୍ୟାଣ୍ଡଲ ବାର୍, ଏକ ସରଳ ଶକ୍ତିଶାଳୀ ଇଞ୍ଜିନ ଓ ଅନେକ ମଉଜ ସହ ମୋଟର ସାଇକଲିଂର ଶୁଦ୍ଧତମ ସୁଗନ୍ଧକୁ ନିଶ୍ଚିତ କରିଛି। ଡୁକାଟି ସ୍କ୍ରାମ୍ବଲର୍ ଜୟଭଲ୍ୟୁସନ୍ ଚାଲୁ ରହିବା ସହ ୪ ନୂଆ ସଂସ୍କରଣର ଆଗମନ ସହ ମଉଜ କରିବାର ଆନନ୍ଦକୁ ଅଧିକ ତ୍ୱରାନ୍ୱିତ କରିଛି। ସ୍କ୍ରାମ୍ବଲର୍ ଆଇକନ୍ ହେଉଛି ପରମ୍ପରା ଓ ସୃଜନଶୀଳତାର ଏକ ଉପଯୁକ୍ତ ମିଶ୍ରଣ। ସ୍କ୍ରାମ୍ବଲର୍ ଡେଜର୍ଟ ସ୍ଲେଡ୍ ୬୦ଦଶକ ଓ ୭୦ଦଶକ ବାଇକ୍‌ର ସ୍ପିରିଟ୍‌ର ସମ୍ମିଶ୍ରଣକୁ ପ୍ରଦର୍ଶନ କରିବା ସହ ସ୍କ୍ରାମ୍ବଲର୍‌ର ସ୍ୱତନ୍ତ୍ର ଷ୍ଟାଇଲ୍‌କୁ ଦର୍ଶାଉଛି। ଫୁଲ୍ ଥ୍ରଟଲ୍ ମଡେଲ ୨୦୧୮ ଆମେରିକୀୟ ସୁପର୍ ହୋଲିଗାନ୍ ଚାମ୍ପିଅନ୍‌ସିପ୍‌ରେ କାଲିଫର୍ଣ୍ଣିଆ ରେସର୍ ଫ୍ରାଙ୍କିଗାର୍ସିଆଙ୍କ ଦ୍ୱାରା ଚଳାଯାଇଥିବା ସ୍କ୍ରାମ୍ବଲର୍‌ରୁ ଆସିଥିବା ବେଳେ ସ୍କ୍ରାମ୍ବଲର୍ କାଫେ ରେସର୍ ୬୦ଦଶକରେ ମୋଟର ସାଇକଲିଂରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଏକ ମହାନ ବାଇକ୍‌କୁ ନୂଆ ରୂପଦେଇଛି।

ଏହି ସଦ୍ୟତମ ସଂସ୍କରଣ ଡୁକାଟି ମୋଟର ସାଇକେଲରେଏଲ୍-ଟ୍ୱିନ୍, ଡେସ୍‌ମୋଡ୍ରୋମିକ୍ ଡିଷ୍ଟ୍ରିବ୍ୟୁସନ୍, ୨ ଭାଲ୍‌ଭପର୍ ସିଲିଣ୍ଡର, ଏୟାରକୁଲ୍‌ଡ ୮୦୩ ସିସିଇଞ୍ଜିନ ଭଳି ବୈଶିଷ୍ଟ୍ୟ ରହିଛି, ଯାହାକି ୪୯ ଏଲ୍‌ବି-ଏଫ୍‌ଟି (୬୭ ଏନ୍‌ଏମ୍) ଟର୍କ ସୃଷ୍ଟି କରିଥାଏ। ସ୍କ୍ରାମ୍ବଲର୍‌କୁ ଏକ ଉପଯୁକ୍ତ ବାଇକ୍‌ରେ ପରିଣତ କରିବାକୁ ଆଧୁନିକ ତଥା ଉତ୍କୃଷ୍ଟ ଉପକରଣ ଖଞ୍ଜା ଯାଇଛି। ଏହି ନୂଆ ମଡେଲ ଗୁଡ଼ିକରେ ଥିବା ବ୍ଲାକ୍-ପେଂଟେଡ୍ କ୍ରାଙ୍କ୍‌କେସ୍ ଓ ବ୍ରସ୍‌ଡ ସିଲିଣ୍ଡର ହେଡ୍ ଫିନ୍‌ସ ଡୁକାଟି ସ୍କ୍ରାମ୍ବଲର୍‌କୁ ଅଧିକ ଆକର୍ଷଣୀୟ କରିଛି। ଡିଆର୍‌ଏଲ୍ (ଡେ' ଟାଇମ୍‌ରନିଙ୍ଗ୍ ଲାଇଟ୍)ଯୁକ୍ତ ଅଲ୍-ନ୍ୟୁହେଡ୍‌ଲାଇଟ୍ ଟ୍ରାଫିକ୍‌ରେ ବାଇକ୍‌ର ଦୃଶ୍ୟମାନ ବଢ଼ାଇବ। ଏହାର ଆକର୍ଷଣୀୟ ସ୍ୱିଚ୍ ଗିୟର ଚାଳକଙ୍କୁ ଏକ ଉନ୍ନତ ଗାଡ଼ିଚାଳନାର ଅନୁଭୂତି ପ୍ରଦାନ କରିବ।

ଡୁକାଟିର ମଲ୍ଟିମିଡିଆ ସିଷ୍ଟମ୍ ଗାଡ଼ି ଚଳାଇବା ବେଳେ ନିଜର ପ୍ରିୟ ସଙ୍ଗୀତ ଶୁଣିବା ସହ ଇନ୍‌କମିଂକଲ୍‌କୁଉଠାଇବା ଓ ଇଂଟରକମ୍ ଜରିଆରେ ଯାତ୍ରୀଙ୍କ ସହ ଚାଟ୍ କରିବାର ସୁବିଧା ପ୍ରଦାନ କରୁଛି। ଡୁକାଟି ସ୍କ୍ରାମ୍ବଲର୍ ଆଇକନ୍ ଏବେ ନୂଆ ଆଟମିକ୍ ଟାଞ୍ଜେରିନ୍ ପେଂଟ ସ୍କିମ୍ ସହ ବ୍ଲାକ୍‌ଫ୍ରେମ୍, ବ୍ଲାକ୍‌ସିଟ୍ ଓ ଗ୍ରେ ରିମ୍‌ସ୍ୟାଣ୍ଡ ଏବଂ କ୍ଲାସିକ୍ ୬୨ ୟେଲୋ କଲରରେ ଉପଲବ୍ଧ। ଏନେଇ ସେର୍ଗି କାନୋଭାସ୍, ପରିଚାଳନା ନିର୍ଦ୍ଦେଶକ, ଡୁକାଟି ଇଣ୍ଡିଆ କହିଲେ, "ସ୍କ୍ରାମ୍ବଲର୍ ରେଞ୍ଜ ହେଉଛି ଭାରତରେ ଡୁକାଟି ପରିବାରର ସବୁଠୁ ପସନ୍ଦର ତଥା ସର୍ବାଧିକ ବିକ୍ରି ହେଉଥିବା ମୋଟର ସାଇକେଲ। ଯେ କୌଣସି ପ୍ରକାର ସଡ଼କରେ ବାଇକ୍‌ର ପାୱାର ଓ ସୁପ୍ରିମ୍ କଂଟ୍ରୋଲ ସମ୍ପର୍କରେ ଆଲୋଚନା କଲାବେଳେ ସ୍କ୍ରାମ୍ବଲର୍ ସବୁବେଳେ ଆଗରେ ରହିଥାଏ। ଚଳିତ ବର୍ଷ ଏହାର ସମ୍ପୂର୍ଣ୍ଣ ରେଞ୍ଜକୁ ଅତ୍ୟାଧୁନିକ ଓ କ୍ଷମତା ସମ୍ପନ୍ନ କରାଯାଇଛି। ଡୁକାଟି ସ୍କ୍ରାମ୍ବଲର୍ କେବଳ ଏକ ବାଇକ୍ ନୁହେଁ, ଏହା ଏକ ସମ୍ପୂର୍ଣ୍ଣ ନୂଆ ଲାଇଫ୍ ଷ୍ଟାଇଲ, ଯାହାକି ସମର୍ପିତ ପୋଷାକ ଓ ଉପକରଣରେ ଖଚିତ। ଏହା ଚଳିତ ବର୍ଷର ଏହା ଆମର ପ୍ରଥମ ଉତ୍ପାଦର ବଜାର ପ୍ରବେଶ ଓ ଆଗାମୀ ଦିନରେ ଭାରତରେ ସମସ୍ତ ନୂଆ ସ୍କ୍ରାମ୍ବଲର୍ ରେଞ୍ଜର ପ୍ରଚଳନ କରିବାକୁ ଆମେ ବେଶ୍ ଉତ୍ସାହିତ।"

ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା (ପିଏନ)- ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସମ୍ମିଳନୀ ଗୃହରେ ଆଜି ପୂର୍ବାହ୍ନରେ ଆଗାମୀ ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପ୍ରେମ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲାର ବିଭିନ୍ନ ନଦୀ ନାଳରେ ହୋଇଥିବା ଘାଇର ତୁରନ୍ତ ମରାମତି,ବନ୍ୟା ସମୟରେ ଅଧିକ ପ୍ରବାହିତ ବର୍ଷା ଜଳର ତୁରନ୍ତ ତୁରନ୍ତ ନିଷ୍କାସନ,କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ପୌରାଂଚଳରେ ବର୍ଷା ଜଳ ନିଷ୍କାସନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଚୌଧୁରୀ ରାଜ୍ୟର ସର୍ବ ପୁରାତନ ପୌରସଂସ୍ଥା କେନ୍ଦ୍ରାପଡାର ଆବଶ୍ୟକ ବିକାଶ ହୋଇନଥିବା ସମ୍ପର୍କରେ ଆଲୋଚନା କରି ଏଦିଗରେ ଆବଶ୍ୟକ ପ୍ଲାନ ପ୍ରସ୍ତୁତ କରି ଜଳସେଚନ ବିଭାଗ,ପୂର୍ତ୍ତ ବିଭାଗ,ଜଙ୍ଗଲ ବିଭାଗ ଓ ପୌରସଂସ୍ଥା ଅଧିକାରୀ ତାଙ୍କୁ ମିଳିତ ଭାବେ ଭେଟିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରସ୍ତୁତ କରି ଆସନ୍ତା ସୋମବାର ଭିତରେ ଜିଲ୍ଲାରେ ଥିବା ୯୭ଟି ବାତ୍ୟା ଆଶ୍ରୟ ସ୍ଥଳକୁ ସଂପୂର୍ଣ୍ଣ ପ୍ରସ୍ତୁତ ରଖିବା ସହ ସେଠାରେ ଆବଶ୍ୟକୀୟ ବିଦ୍ୟୁତ,ପାନୀୟ ଜଳ ବ୍ୟବସ୍ଥା ସହିତ ଆଶ୍ରୟ ସ୍ଥଳର ମରାମତି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବାତ୍ୟା ଆଶ୍ରୟ ସ୍ଥଳି ଗୁଡିକର ସୁପରିଚାଳନା ଦାୟିତ୍ୱ ସରକାରୀ କର୍ମଚାରୀଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତି । ଚଳିତ ଫନି ବାତ୍ୟାରେ କ୍ଷତିଗ୍ରସ୍ତ ଅଚଂଳରେ ଆଉ ୩୦ଟି ବାତ୍ୟା ଆଶ୍ରୟ ସ୍ଥଳି ନିର୍ମାଣ କରାଯିବ । ଫନି ବାତ୍ୟା ସମୟରେ ୪ଶହ ବିଦ୍ୟାଳୟକୁ ଆଶ୍ରୟସ୍ଥଳି ଭାବେ ବ୍ୟବହାର କରାଯାଇଥିଲା। ତେଣୁ ବର୍ଷା ପୂର୍ବରୁ କଚାଘର ପାଖରେ ଥିବା ବିଦ୍ୟାଳୟକୁ ପ୍ରସ୍ତୁତ ରଖାଯିବ। ଜିଲ୍ଲାର ପ୍ରତ୍ୟେକ ବିଭାଗ ବାତ୍ୟା ପରିଚାଳନା ଖସଡା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଦିନର ବର୍ଷା ପରିମାଣ ମାପକରି ସଂପୃକ୍ତ ବ୍ଲକ କାର୍ଯ୍ୟାଳୟ ସଠିକ ରିପୋର୍ଟ ଜିଲ୍ଲା ଜରୁରୀ ବିଭାଗକୁ ପଠାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଜିଲ୍ଲାର ପ୍ରତ୍ୟେକ ଥାନାର ଭି.ଏଚ.ଏପ.ସଚଳ ରଖିବା ସହ ସମ୍ବେଦନଶୀଳ ସ୍ଥାନରେ ପୋଲିସ ପକ୍ଷରୁ ଭି.ଏଚ.ଏଫ.ଲଗାଯିବା କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ । ଗରଦପୁର ବ୍ଲକରେ ଟେଲିଫୋନ ସଂଯୋଗ ନଥିବାରୁ ସେଠାରେ ୱାୟାରଲେସ ଟେଲିଫୋନ ଲଗାଯିବାକୁ ନିଷ୍ପତି । ବୋଟ ଚାଳକଙ୍କ କାର୍ଯ୍ୟରେ ଯୋଗଦାନ ସମ୍ପର୍କରେ ରିପୋର୍ଟ କରିବା ସହ ଜୁନମାସ ପ୍ରଥମ ସପ୍ତାହ ସୁଦ୍ଧା ବେସରକାରୀ ବୋଟର ତାଲିକା ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ୨ଶହ ଘରୋଇ ଡଙ୍ଗା ଥିବା ବେଳେ ଏକଶହ ପାୱାର ବୋଟ ରହିଛି ଏବଂ ୫୧ଟି ସରକାରୀ ଡଙ୍ଗା ଅଛି । ବର୍ଷା ଆସିବା ପୂର୍ବରୁ ସମସ୍ତ ଖାଉଟି କେନ୍ଦ୍ରରେ ଚାଉଳ,ଚୁଡା,ଗୁଡ ଓ କିରୋସିନ ମହଜୁଦ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏଥିସହିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବନ୍ୟା ସମୟରେ ସୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସ୍ୱାସ୍ଥ୍ୟ ଓ ପଶୁ ସଂପଦ ବିଭାଗ ମନୁଷ୍ୟ ଓ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ଚିକିତ୍ସା, ଜୀବନ ରକ୍ଷାକାରୀ ଔଷଧ ଓ ସାପ କାମୁଡା ଔଷଧ ଆବଶ୍ୟକ ସମୟରେ ଯୋଗାଇଦେବା ନିମନ୍ତେ ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ । ଏଥିସହିତ ଓଡ୍ରାଫ, ଏନଡିଆରଏଫ,ଅଗ୍ନିଶମ ବାହିନୀ ଓ ଗଛକଟାଳିଙ୍କୁ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲିପ କୁମାର ପରିଡା, ଉପଜିଲ୍ଲାପାଳ ସଞ୍ଜୟ କୁମାର ମିଶ୍ର,ଜିଲ୍ଲା ଜରୁରୀ ଅଧିକାରୀ ସମ୍ବିତ ଶତପଥୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର,ଲାଇନ ଡିପାର୍ଟମେଂଟର ନିର୍ବାହୀ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

ଓଡ଼ିଶାରେ ଜିଓ'ର ଜୟଯାତ୍ରା ଜାରି, ମାର୍ଚ୍ଚରେ ଯୋଡ଼ିଲା ୩.୯୭ ଲକ୍ଷ ମୋବାଇଲ ଗ୍ରାହକ : ଟ୍ରାଇ

ଭୁବନେଶ୍ୱର:ମୋବାଇଲ ସେବା ପ୍ରଦାନ କ୍ଷେତ୍ରରେ ରିଲାଏନ୍ସ ଜିଓ ରାଜ୍ୟରେ ଗ୍ରାହକଙ୍କ ପ୍ରଥମ ପସନ୍ଦ ରହିବା ସହିତ ଅନ୍ୟ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାମାନଙ୍କୁ ପଛରେ ପକାଇ ମାର୍ଚ୍ଚ ମାସରେ ପୁଣି ଥରେ ସର୍ବାଧିକ ନୂତନ ଗ୍ରାହକ ଯୋଡ଼ିଥିବା ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ(ଟ୍ରାଇ) ପକ୍ଷରୁ ୨୦୧୯ ମାର୍ଚ୍ଚ ମାସ ପାଇଁ ପ୍ରକାଶିତ ଗ୍ରାହକ ତଥ୍ୟରୁ ଜଣାପଡ଼ିଛି।

ଟ୍ରାଇ ପକ୍ଷରୁ ପ୍ରକାଶ କରାଯାଇଥିବା ଏହି ଗ୍ରାହକ ତଥ୍ୟ ଅନୁସାରେ, ୨୦୧୯ ମାର୍ଚ୍ଚରେ ରିଲାଏନ୍ସ ଜିଓ ସର୍ବାଧିକ ୩.୯୭ ଲକ୍ଷ ନୂତନ ଗ୍ରାହକ ନିଜ ସହ ଯୋଡ଼ିଥିବା ବେଳେ ଏହା ପଛକୁ ବିଏସ୍‌ଏନ୍‌ଏଲ୍ ୪୬,୮୬୯ ସଂଖ୍ୟକ ଗ୍ରାହକ ଯୋଡ଼ି ଦ୍ୱିତୀୟରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ରିଲାଏନ୍ସ ଜିଓ ଏହାର ସମ୍ପୂର୍ଣ୍ଣ ୪ଜି ନେଟୱର୍କ ସହ ରାଜ୍ୟର ଆଭ୍ୟନ୍ତରୀଣ ଇଲାକାମାନଙ୍କରେ ୪ଜି ସେବା ସଂପ୍ରସାରଣ ତଥା ଅତ୍ୟନ୍ତ ସୁଲଭ ମୂଲ୍ୟରେ ଉପଲବ୍ଧ ଜିଓଫୋନ୍-'ଇଣ୍ଡିଆ କା ସ୍ମାର୍ଟଫୋନ୍'ର ଗ୍ରାମାଞ୍ଚଳରେ ବହୁଳ ଲୋକପ୍ରିୟତା ଜିଓକୁ ସର୍ବାଧିକ ନୂତନ ଗ୍ରାହକ ସଂଯୋଗ କରିବାରେ ସଫଳତା ଆଣି ଦେଇଛି।

ଟ୍ରାଇ ରିପୋର୍ଟ ଅନୁସାରେ ୨୦୧୯ ମାର୍ଚ୍ଚ ମାସରେ ସାମଗ୍ରିକ ଭାବେ ଓଡ଼ିଶାରେ ମୋବାଇଲ ଗ୍ରାହକଙ୍କ ସଂଖ୍ୟାରେ ୮.୨୮ ଲକ୍ଷ ହ୍ରାସ ଘଟି ଏହା ୩.୨୭ କୋଟିରେ ପହଞ୍ଚିଛି। ଏହି ମାର୍ଚ୍ଚ ମାସରେ ଓଡ଼ିଶାରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟାରେ ଦ୍ରୁତ ହ୍ରାସ ଘଟିଥିବା ବେଳେ ଜିଓ ଗ୍ରାହକମାନଙ୍କ ସବୁଠାରୁ ପସନ୍ଦର ସେବା ପ୍ରଦାନକାରୀ ସଂସ୍ଥା ଭାବେ ନିଜର ଗ୍ରାହକ ସଂଖ୍ୟାରେ ବୃଦ୍ଧି କରି ଅନ୍ୟମାନଙ୍କୁ ଚକିତ କରିଛି। ଅନ୍ୟ ସେବା ପ୍ରଦାନକାରୀ ସଂସ୍ଥାମାନଙ୍କ ମଧ୍ୟରେ ମାର୍ଚ୍ଚ ମାସରେ ଭାରତୀଏୟାରଟେଲ୍ ସର୍ବାଧିକ ଭାବେ ଓଡ଼ିଶାରେ ୯.୩୬ ଲକ୍ଷ ଗ୍ରାହକ ହରାଇଥିବା ବେଳେ ଏହା ପଛକୁ ଭୋଡାଫୋନ୍ ଏହି ମାସରେ ୨.୯୭ ଲକ୍ଷ ଗ୍ରାହକ ହରାଇଛି। ସେହିପରି ଏହି ସମୟ ମଧ୍ୟରେ ଟାଟା ଟେଲିସର୍ଭିସେସ୍ ଓଡ଼ିଶାରେ ୩୯,୪୨୦ ଗ୍ରାହକ ହରାଇଥିବା ଏହି ରିପୋର୍ଟରେ କୁହାଯାଇଛି।

ଜାତୀୟସ୍ତରରେ ମଧ୍ୟ ଜିଓ ଏହାର ଦ୍ରୁତ ଗ୍ରାହକ ଅଭିବୃଦ୍ଧି ଜାରି ରଖିବା ସହିତ ଏହି ମାସରେ ୯୪ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାହକ ଯୋଡ଼ି ଏକମାତ୍ର ସେବା ପ୍ରଦାନକାରୀ ସଂସ୍ଥା ଭାବେ ନେଟ୍ ଗ୍ରାହକ ବୃଦ୍ଧି କରିବାର ଗୌରବ ହାସଲ କରିଛି। ଏହି ରିପୋର୍ଟ ଅନୁସାରେ ୨୦୧୯ ଫେବୃଆରୀରେ ରିଲାଏନ୍ସ ଜିଓ'ର ମୋଟ ୨୯.୭୨କୋଟି ଗ୍ରାହକ ରହିଥିଲା ବେଳେ ମାର୍ଚ୍ଚରେ ଏହି ସଂଖ୍ୟା ୩୦.୬୭ କୋଟିକୁ ବୃଦ୍ଧି ପାଇଛି। ହେଲେ ଏହି ସମୟ ମଧ୍ୟରେ ଏୟାରଟେଲ୍‌ର ଗ୍ରାହକ ସଂଖ୍ୟାରେ ୧.୫୧ କୋଟି ହ୍ରାସ ଘଟିବା ସହ ଭୋଡାଫୋନ୍ ଗ୍ରାହକ ସଂଖ୍ୟାରେ ମଧ ୧.୪୫ କୋଟି ହ୍ରାସ ଘଟିଛି ବୋଲି ମଙ୍ଗଳବାର ଦିନ ପ୍ରକାଶ ପାଇଥିବା ଟ୍ରାଇ ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ମାସରେ ଟାଟାଟେଲି ସର୍ଭିସେସ୍ ୧୧.୫ ଲକ୍ଷ ଗ୍ରାହକ ହରାଇଥିବା ବେଳେ ବିଏସ୍‌ଏନ୍‌ଏଲ୍ ୫.୬ ଲକ୍ଷ ଏବଂ ଏମ୍‌ଟିଏନ୍‌ଏଲ୍ ୧୨୦୯୬ ଗ୍ରାହକ ହାରାଇଛନ୍ତି। ୨୦୧୯ ଫେବୃଆରୀ ସୁଦ୍ଧା ସାରା ଦେଶରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୧୧୮ କୋଟି ରହିଥିଲା ବେଳେ ମାର୍ଚ୍ଚ ମାସରେ ଏଥିରେ ହ୍ରାସ ଘଟି ଏହି ସଂଖ୍ୟା ୧୧୬ କୋଟିକୁ ଖସି ଆସିଛି। ଟ୍ରାଇ ତଥ୍ୟ ଅନୁସାରେ, ସାରା ଦେଶରେ ବ୍ରଡ୍‌ବ୍ୟାଣ୍ଡ୍ ଗ୍ରାହକ ସଂଖ୍ୟା ଫେବୃଆରୀ ମାସ ତୁଳନାରେ ୨.୩୭ ପ୍ରତିଶତ ଅଭିବୃଦ୍ଧି ସହିତ ମାର୍ଚ୍ଚ ଶେଷ ସୁଦ୍ଧା ୫୬.୩୧ କୋଟିରେ ପହଞ୍ଚିଛି। ତେବେ ରିଲାଏନ୍ସ ଜିଓ ସର୍ବାଧିକ ୩୦.୬୭ କୋଟି ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ସୃଷ୍ଟି କରିଥିବା ବେଳେ ଏହା ପଛକୁ ଏୟାରଟେଲ୍‌ର ୧୧.୪୬ କୋଟି, ଭୋଡାଫୋନ୍ ଆଇଡିଆ ୧୧.୦୨ କୋଟି ଏବଂ ବିଏସ୍‌ଏନ୍‌ଏଲ୍‌ର ୨.୨୧ କୋଟି ବ୍ରଡ୍‌ବ୍ୟାଣ୍ଡ୍ ଗ୍ରାହକ ରହିଥିବା ଏଥିରେ ଦର୍ଶାଯାଇଛି।

"ଏକ୍‌ଜିଟ୍ ପୋଲ" ଏକ ଅର୍ଥହୀନ କାର୍ଯ୍ୟକ୍ରମ : ଭାରତରେ ଏହା ନିଷେଧିତ ହେବା ଉଚିତ - ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ

ଭୁବନେଶ୍ୱର (ପିଏନ): ଭୋଟ ଦେଇ ପଦାକୁ ଆସୁଥିବା ଭୋଟରମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ପଚାରି ଏବଂ ସେମାନଙ୍କ ଉତ୍ତରକୁ ଆଧାର କରି ନିର୍ବାଚନର ଫଳାଫଳ ସଂପର୍କରେ ତଥ୍ୟ ପ୍ରଦାନ କରିବା ଏବଂ ତା' ଉପରେ ଘଣ୍ଟା ଘଣ୍ଟା ଧରି ଟିଭି ଚ୍ୟାନେଲ୍‌ରେ ବିତର୍କ କରିବା ସଂପୂର୍ଣ୍ଣ ଭାବରେ ଅର୍ଥହୀନ । ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟ୍ ବ୍ରିଟେନ୍, ଫ୍ରାନ୍‌ସ, ଜର୍ମାନୀ, କାନାଡ଼ା, ଜାପାନ ଆଦି ଦେଶରେ ଗୋଟିଏ ଦିନରେ ନିର୍ବାଚନ କରାଯାଉଛି । ମତଦାନ ପରେ ପରେ ଭୋଟ ଗଣତି କାର୍ଯ୍ୟ ଆରମ୍ଭ କରାଯାଇ ଯଥା ସମୟରେ ସଠିକ୍ ନିର୍ବାଚନ ଫଳାଫଳ ଘୋଷଣା କରାଯାଉଛି । ମାତ୍ର ଭାରତରେ ନିର୍ବାଚନ ଗୋଟିଏ ଦିନରେ କରାଯାଉ ନାହିଁ । ଜାଣିଶୁଣି ନିର୍ବାଚନ ପ୍ରକ୍ରିୟାକୁ ପ୍ରଲମ୍ବିତ କରାଯାଉଛି। ୨୦୧୯ ଲୋକସଭା ନିର୍ବାଚନକୁ ୪୨-ଦିନିଆ କରାଯାଇଛି । ୭ ପର୍ଯ୍ୟାୟ ବିଶିଷ୍ଟ ଏହି ନିର୍ବାଚନ ଏପ୍ରିଲମାସ ୧୧ ତାରିଖରୁ ଆରମ୍ଭ ହୋଇ ମେ ମାସ ୧୯ରେ ଶେଷ ହୋଇଛି । ଏହି ପ୍ରଲମ୍ବିତ ନିର୍ବାଚନ ପ୍ରକ୍ରିୟା ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୪୪ଟି ବୃହତ୍ତକାୟ ର୍‍ୟାଲିରେ ଭାଷଣ ଦେଇ ଏକ ରେକର୍ଡ଼ ସୃଷ୍ଟି କରିଛନ୍ତି ।

ନିର୍ବାଚନ ପ୍ରକ୍ରିୟାରେ ଲେଭେଲ୍-ପ୍ଲେୟିଂ ଫିଲ୍ଡର ନା ଗନ୍ଧ ନାହିଁ । ଏ ସଂପର୍କରେ ବିଧିବଦ୍ଧ ଆଲୋଚନା କରାନଯାଇ ଏକ୍‌ଜିଟ୍ ପୋଲର ରେଜଲ୍ଟ ଉପରେ ବିତର୍କ କରାଯାଇ କେଉଁଠି ଏନ୍‌ଡ଼ିଏ ଜିତୁଛି ତ କେଉଁଠି ୟୁପିଏ ଜିତୁଛି-ଏହା ଉପରେ ଫୋକ୍‌ସ ପକାଇ ଅଯଥା ଆନନ୍ଦ ଓ ହତାଶ ଭାବ ସୃଷ୍ଟି କରାଯାଉଛି । ଦୁଃଖ ଓ ଲଜ୍ୟାର କଥା ଏହି ଯେ ଜର୍ମାନୀରେ ଅନୁସୃତ ଆଦର୍ଶ ମିଶ୍ରିତ ଆନୁପାତିକ ପ୍ରତିନିଧିତ୍ୱ ରାଜନୈତିକ ନ୍ୟାୟ ଦୃଷ୍ଟିରୁ ଭାରତରେ ବହୁ ଦିନରୁ ଲାଗୁ ହେବା କଥା । ମାତ୍ର ସୁବିଧାବାଦୀ ରାଜନୈତିକ ନେତୃତ୍ୱ ଏଥିପ୍ରତି ଆଜସୁଧା ଧ୍ୟାନ ଦେଇ ନାହିଁ। ଟିଭି ଚ୍ୟାନେଲ୍‌ରେ ନିଜ ନିଜର ବକ୍ତବ୍ୟ ରଖି ଯୁକ୍ତି କରୁଥିବା ବୁଦ୍ଧିଜୀବୀମାନେ ମଧ୍ୟ ଏହି ଆଦର୍ଶ ମିଶ୍ରିତ ଆନୁପାତିକ ପ୍ରତିନିଧିତ୍ୱର ନିର୍ବାଚନ ପଦ୍ଧତିର ମର୍ମ ବୁଝିବା ପାଇଁ ଚେଷ୍ଟିତ ହେଉ ନାହାନ୍ତି। ୧୯୫୧-୫୨ରୁ ଅର୍ଥାତ୍ ପ୍ରଥମ ସାଧାରଣ ନିର୍ବାଚନ ହେବା ଦିନୁ ଭାରତରେ ଆନୁପାତିକ ପ୍ରତିନିଧିତ୍ୱର ଚିହ୍ନବର୍ଣ୍ଣ ନାହିଁ । ଗତ ୨୦୧୪ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ମାତ୍ର ୩୧% ଭୋଟ ପାଇ ଲୋକସଭାର ୫୨% ଆସନ ଦଖଲ କରିଥିଲା ।

ଆନୁପାତିକ ପ୍ରତିନିଧିତ୍ୱ ଭାରତରେ ଲାଗୁ କରାଯାଇଥିଲେ ଏହି ଦଳ ହାତକୁ ୧୬୮ଟି ଆସନ ଯାଇଥାନ୍ତା। ମାତ୍ର ଏହି ଦଳ ବିଜେପି ୧୧୪ଟି ଅଧିକ ଆସନ ହାତେଇ ଥିଲା । ଏପରି ରାଜନୈତିକ ଅନ୍ୟାୟ ବିରୁଦ୍ଧରେ ସାରା ବୁଦ୍ଧିଜୀବୀ ମହଲରେ ରାଜନୈତିକ ଝଡ଼ ସୃଷ୍ଟି ହେବା କଥା । ମାତ୍ର ଏ ସଂପର୍କରେ ସାମାନ୍ୟତମ ବିରୋଧାଭାସ ଆଜ ସୁଧା ଯାଏ ସୃଷ୍ଟି ହୋଇ ନାହିଁ।

ସେହିଭଳି ଓଡ଼ିଶା ଭଳି ରାଜ୍ୟରେ ବିଜୁ ଜନତା ଦଳ ମାତ୍ର ୪୩% ଭୋଟରେ ବିଧାନସଭାର ୮୦% ସିଟ୍ ହାତେଇ ଗଣତାନ୍ତ୍ରିକ ପ୍ରତିନିଧିତ୍ୱର ବିକଳାଙ୍ଗ ଚିତ୍ର ସୃଷ୍ଟି କରିଥିଲା । ୨୦୧୯ ନିର୍ବାଚନରେ ସେହି ରାଜନୈତିକ ଅନ୍ୟାୟର ପୁନରାବୃତ୍ତି ହେବାକୁ ଯାଉଛି । ଏ ସଂପର୍କରେ ଆଲୋଚନା କରାନଯାଇ କିଛି ତଥା-କଥିତ ବୁଦ୍ଧିଜୀବୀ ଏକ୍‌ଜିଟ୍ ପୋଲ ରେଜଲ୍ଟ ଉପରେ ନିଜ ନିଜର ପାଣ୍ଡିତ୍ୟ ଦେଖାଉଥିବାରୁ ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ ତାର ଘୋର ନିନ୍ଦା କରୁଛି । ଭାରତର ପଡ଼ୋଶୀ ରାଜ୍ୟ ନେପାଳରେ ୨୦୦୮ ମସିହାରୁ ମିଶ୍ରିତ ଆନୁପାତିକ ପ୍ରତିନିଧିତ୍ୱ ଲାଗୁ ହୋଇଥିବାରୁ ସେ ଦେଶରେ ସବୁ ରଜନୈତିକ ଦଳ ସମ୍ମୁଚିତ ରାଜନୈତିକ ନ୍ୟାୟ ପାଉଛନ୍ତି । ସେଠାରେ ମାଓବାଦୀ ହିଂସାର ଅବସାନ ଘଟିଛି । ମାଓବାଦୀମାନେ ରାଜନୈତିକ ମୁଖ୍ୟ ସ୍ରୋତରେ ସାମିଲ୍ ହୋଇଛନ୍ତି । ସେମାନଙ୍କ ତୁଙ୍ଗନେତା ପ୍ରଚଣ୍ଡବାବୁ ଦୁଇଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି । ମିଶ୍ରିତ ଆନୁପାତିକ ପ୍ରତିନିଧିତ୍ୱ ନେପାଳ ଭଳି ଭାରତରେ ଲାଗୁ କରାଗଲେ ଭାରତ ରାଜନୈତିକ ନ୍ୟାୟର ଏକ ପ୍ରମୁଖ ଭୂଖଣ୍ଡ ହେବା ସହିତ ଏହାର କୋଣ ଅନୁକୋଣରୁ ମାଓବାଦୀ ହିଂସା ହଟିଯାଇ ପାରିବ ବୋଲି ନିଜର ସ୍ପଷ୍ଟ ମତ ଦେଇଛନ୍ତି 'ଏଫ୍‌ପିଆଇ' ଦଳର ସଧାରଣ ସଂପାଦକ ବି ରାମଚନ୍ଦ୍ର ସିଏସ୍‌ଟି ଭୋଲ୍‌ଟେୟାର।